# ଇଣ୍ଡିଆନ୍ ଲିଡରସିପ୍ ଫୋରାମ୍ ଏଗ୍ନେଷ୍ଟ ଟ୍ରାଫିକିଂ

ଏକତା ନେତୃତ୍ୱ ପରିବର୍ତ୍ତନ



# ଆମେ କିଏ?



ଆମେ, ମାନବ ଚାଲାଣର ଶିକାର ହୋଇଥିବା ପୀଡ଼ିତ ସମୂହ ଇଣ୍ଡିଆନ୍ ଲିଡରଶିପ୍ ଏଗ୍‌ନେଷ୍ଟ ଟ୍ରାଫିକିଂ (ଆରଏଲ୍‌ଏଫ୍‌ଏଟି)ର ଗଠନ କରିଛୁ - ଏହା ହେଉଛି ପୀଡ଼ିତମାନଙ୍କ ଦ୍ୱାରା ଓ ପୀଡ଼ିତମାନଙ୍କ ପାଇଁ ଏକ ଜାତୀୟ ପ୍ଲାଟଫର୍ମ। ଆମେ ଦେଶର ବିଭିନ୍ନ ରାଜ୍ୟ, ସ୍ଥାନରୁ ଆସି ଏକତ୍ରିତ ହୋଇଛୁ ଓ ମାନବ ଚାଲାଣମୁକ୍ତ ଏକ ଦେଶର ଗଠନ ପାଇଁ ଲକ୍ଷ୍ୟ ରଖିଛୁ।

ଆମେ ଆମର ଜୀବନର ପୁନଃନିର୍ମାଣ କରୁଛୁ ଓ ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟାରେ ସାମିଲ୍ ହେବାକୁ ଚାହୁଁଛୁ। ଦୀର୍ଘଦିନ ଧରି ଏହି ନିଷ୍ପତ୍ତିଗୁଡ଼ିକୁ ଆମ ସହିତ ପରାମର୍ଶ ନକରି ଓ ଆମର ଜୀବନର ଅନୁଭୂତିକୁ ନବୁଝି ଗ୍ରହଣ କରାଯାଇଛି। ଆମେ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ୍ ହେବା ଆଶା କରୁଛୁ ଯେହେତୁ ଏହି ଆଇନ୍ ଓ ନୀତି ଆମ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଉଛି ଏବଂ ଏହା ଆମର ସ୍ୱର ଓ ଅଂଶଗ୍ରହଣ ବିନା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଆମର ଲକ୍ଷ୍ୟ ହେଉଛି ମାନବ ଚାଲାଣ ସମସ୍ୟା ବିପକ୍ଷରେ ସଚେତନତା ସୃଷ୍ଟି କରିବା ଏଥିରେ ଥିବା ପ୍ରମୁଖ ଆହ୍ୱାନ ଗୁଡ଼ିକୁ ପ୍ରକାଶ କରିବା।

ବର୍ତ୍ତମାନେ ଆମେ ପଶ୍ଚିମ ବଙ୍ଗ ଓ ଆନ୍ଧ୍ର ପ୍ରଦେଶର 2,500 ରୁ ଅଧିକ ସଦସ୍ୟଙ୍କର ଏକ ସମୂହ ଅଟୁ। ଆମେ ଆଶା କରୁଛୁ ଏହି ଫୋରମକୁ ଆଗେଇ ନେବାରେ ଆହୁରି ଅଧିକ ଲୋକ ଏଥିରେ ସାମିଲ୍ ହେବେ ଯାହାକି ପୀଡ଼ିତମାନଙ୍କର ସ୍ୱାର୍ଥର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି।

## ଧ୍ୟେୟ

ଆମେ ଏପରି ଏକ ଦେଶର ପରିକଳ୍ପନା କରୁଛୁ ଯାହା ସମସ୍ତ ପ୍ରକାର ଚାଲାଣ ସମସ୍ୟାମୁକ୍ତ ହୋଇଥିବ ଓ ଏପରି ଏକ ଦୁନିଆଁ ଯେଉଁଠାରେ କୌଣସି ମନୁଷ୍ୟକୁ ବିକ୍ରି କରାଯାଉ ନଥିବ! ଆମର ଏହା ଲକ୍ଷ୍ୟ ଯେ ଯେଉଁମାନେ ଏହି ମନ୍ତ୍ରଣା ଓ ଚାଲାଣ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ସେମାନେ ନ୍ୟାୟ ଓ ସଶକ୍ତିକରଣ ପାଇଁ ନିଜର ନେତୃତ୍ୱ ନେବା ପାଇଁ ସକ୍ଷମ ହେବେ।

## ମିସନ୍

ଏହି ଫୋରମ୍ ଜରିଆରେ ପୀଡ଼ିତ ଲିଡରମାନଙ୍କୁ ଏକତ୍ରିତ ଓ ସଶକ୍ତ କରିବା।

ଆଇନ୍, ନୀତି ଓ ସିଷ୍ଟମ ଯାହା ଆମକୁ ପ୍ରଭାବିତ କରୁଛି ତାହାର ନେତୃତ୍ୱ ନେବା ଓ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା।

ଲୋକଙ୍କ ଧାରଣାରେ ପରିବର୍ତ୍ତନ ଆଣିବା ଓ ଏହା ପୀଡ଼ିତଙ୍କ ସ୍ୱରକୁ ଗୁରୁତ୍ୱ ପ୍ରଦାନ କରି ଏହି ଚାଲାଣଜନିତ ସମସ୍ୟାକୁ ନିୟନ୍ତ୍ରଣ ଓ ହ୍ରାସ କରିବା।

# ଆମେ କଣ କରିଥାଉ?

ନିଜର ଅନ୍ତର୍ଦୃଷ୍ଟି, ଦକ୍ଷତା ଓ ଭାରତରେ ଚାଲାଣ ସମ୍ପର୍କିତ ପ୍ରମାଣ ପ୍ରଦାନ କରିବା ପାଇଁ ଏହି ଫୋରମ୍ ହେଉଛି ଏକ ପ୍ଲାଟଫର୍ମ। ଏହା ବ୍ୟତୀତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମର ଆଭିମୁଖ୍ୟକୁ ସଠିକ ଭାବରେ ଉପସ୍ଥାପିତ କରିବା।

ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ ଆମେ କରିଥାଉ:

## ପ୍ରମୁଖ କାର୍ଯ୍ୟସମୂହ

### ଜନସଚେତନତା ସୃଷ୍ଟି କରିବା

ଆମେ ମାନବ ଚାଲାଣ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିଥାଉ ଓ ଆଣ୍ଟି-ଟ୍ରାଫିକିଂ ସମ୍ପର୍କିତ ଆଲୋଚନାକୁ ପ୍ରସାରିତ କରିଥାଉ।

### ନେଟ୍‌ୱାର୍କ ସୃଷ୍ଟି

ସ୍ଥାନୀୟ ପୀଡ଼ିତମାନଙ୍କ ନେଟ୍‌ୱର୍କକୁ ସହଯୋଗ ପ୍ରଦାନ କରିବା ଓ ସହର, ରାଜ୍ୟ ଓ ଦେଶରେ ଥିବା ପୁରୁଣା ନେଟ୍‌ୱର୍କମାନଙ୍କ ସହିତ ସାମିଲ୍ ହେବା।

### ପଲିସି ନିର୍ମାତାଙ୍କ ସହିତ କାର୍ଯ୍ୟ କରିବା

ଆମେ ଆଇନ୍ ପ୍ରଣୟନକାରୀ, ଆଇନ୍ ନିର୍ମାତା ଓ କାର୍ଯ୍ୟାନ୍ୱୟନକାରୀ, ନ୍ୟାୟପାଳିକା, ବୁଦ୍ଧିଜୀବି ଓ ଭାରତର ଗଣମାଧ୍ୟମ ସହିତ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆଶା କରୁ ଯଦ୍ୱାରା ମାନବ ଚାଲାଣକୁ ଶେଷ କରିବା ପାଇଁ ପ୍ରଣାଳୀଗତ ସ୍ତରରେ କଣ କରାଯିବା ଆବଶ୍ୟକ ତାହାକୁ ଜଣାଯାଇପାରିବ।

### କ୍ରମାଗତ ଆଲୋଚନାକୁ ସୁନିଶ୍ଚିତ କରିବା

ଯେତେବେଳେ ସରକାର, ସିଭିଲ୍ ସୋସାଇଟି ସଦସ୍ୟ ଓ ନାଗରିକମାନେ ପ୍ରତ୍ୟେକ ଭାରତୀୟଙ୍କ ଭୁଲି ଯାଇଥାନ୍ତି ଆମେ ତାହାକୁ ମନେ ପକାଇବାକୁ ଚେଷ୍ଟା କରିଥାଉ।

### ପୀଡ଼ିତମାନଙ୍କର ସ୍ୱରକୁ ସମର୍ଥନ କରିବା

ଏକ ସକାରାତ୍ମକ ଆଲୋଚନାକୁ ଆଗେଇ ନେବା ପାଇଁ ଆମେ ଆମର ସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ କରି ସଶକ୍ତ କରିଥାଉ ଯଦ୍ୱାରା ସେମାନେ ବିଭିନ୍ନ ପଲିସି ନିର୍ମାତାଙ୍କ ସହିତ ଆଲୋଚନା କରିବାରେ ସମର୍ଥ ହୋଇପାରିବେ।

### ସହଯୋଗ ବୃଷ୍ଟି

ସମାନ ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ଥିବା ବିଭିନ୍ନ ଅନୁଷ୍ଠାନ ସହିତ ମିଳିତ ହୋଇ ପୀଡ଼ିତମାନଙ୍କର ସ୍ୱରକୁ ମଜବୁତ୍ କରିବା ଓ ଆଣ୍ଟି-ଟ୍ରାଫିକିଂ ପ୍ରଚେଷ୍ଟାରେ ସାମିଲ୍ କରିବା।

### ପ୍ଲାଟ୍‌ଫର୍ମ ପ୍ରଦାନ

ପୀଡ଼ିତ ଲିଡରମାନଙ୍କୁ ନିରାପଦ ସ୍ଥାନ ଓ କାର୍ଯ୍ୟକ୍ରମରେ ଏକତ୍ରିତ କରିବା, ସେମାନଙ୍କର କାହାଣୀକୁ ସେମାନେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିପାରିବେ ଓ ନିଜକୁ ଏକୁଟିଆ ଭାବିବେ ନାହିଁ।

# ପରିବର୍ତ୍ତନର ଆବଶ୍ୟକତା ସମ୍ବନ୍ଧରେ ଆମର ସଦସ୍ୟମାନଙ୍କର ସ୍ୱର

"

ଆମେ ଅନୁଭବ କରୁଛୁ ଯେ ଏକ ଜାତୀୟ ସ୍ତରୀୟ ଫୋରମ୍ ଗଠନ ହେବା ଦ୍ୱାରା ସଂସ୍କୃତିଗତ ସମନ୍ୱୟ ସ୍ଥାପିତ ହୋଇପାରିବ ଯଦ୍ୱାରା ବିଭିନ୍ନ କ୍ଷେତ୍ରରେ ରହିଥିବା ବିଭିନ୍ନ ପ୍ରକାର ସମସ୍ୟାକୁ ଉପଯୁକ୍ତ ଭାବରେ ବୁଝା ଯାଇ ପାରିବା ଏହା ସହିତ ପ୍ରତି ରାଜ୍ୟର ଭିନ୍ନ ଭିନ୍ନ ସମସ୍ୟା ସମ୍ବନ୍ଧରେ ଜ୍ଞାନ ଆହରଣ ମଧ୍ୟ କରାଯାଇପାରିବ ଓ ଏହାକୁ ଆମକୁ ଯେକୌଣସି ପ୍ରକାର ଚାଲାଣ, ଶୋଷଣ ଓ ଗୋଲାମି ବିପକ୍ଷରେ ସଂଗ୍ରାମ କରିବା ପାଇଁ ସହାୟତା ପ୍ରଦାନ କରିବ।

ଏହା ଦୁଃଖର ବିଷୟ ଯେ 2018 ରେ ଟିଓପି ବିଲ୍‌କୁ ଲୋକ ସଭାରେ ପାରିତ କରା ଯାଇଥିଲା କିନ୍ତୁ ରାଜ୍ୟସଭାରେ ଏହାକୁ ପାରିତ କରାଯାଇନଥିଲା। ଏହି ଜାତୀୟ ଫୋରମ୍ ଜରିଆରେ ଆମେ ସରକାରଙ୍କ ନିକଟରେ ଏହାର ସପକ୍ଷରେ ମତ ରଖିବାକୁ ସକ୍ଷମ ହୋଇପାରିବୁ ଯଦ୍ୱାରା ଲକ୍ଷ ଲକ୍ଷ ପୀଡ଼ିତମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ଏବଂ ଭାରତକୁ ଏକ ଚାଲାଣମୁକ୍ତ ଦେଶର ସ୍ୱପ୍ନକୁ ସାକାର କରିପାରିବେ।

ଆଉମଧ୍ୟ ଜନସାଧାରଣ ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି, ଯେଉଁଥିରେ କି ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଦ୍ୱାରା ସରକାର ଏହାକୁ ଏକ ଜାତୀୟ ସମସ୍ୟା ରୂପେ ବିଚାର କରି ଏହାର ନିରାକରଣ ଦିଗରେ କାର୍ଯ୍ୟ କରିପାରିବେ।

ଆମେ ସରକାରଙ୍କ ନିକଟରେ ଏକ କଠୋର ଆଇନର ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ନିମନ୍ତେ ଦାବୀ କରୁଛୁ ଯଦ୍ୱାରା ଏଥିରେ ଜଡ଼ିତ ଥିବା ଅପରାଧିମାନଙ୍କୁ କଠୋର ଶାସ୍ତି ମିଳିପାରିବ... ଏହା ଦ୍ୱାରା ଆମକୁ ନ୍ୟାୟ ମିଳିପାରିବ।

ଏହି ଫୋରାମ୍ ଜରିଆରେ ପୀଡ଼ିତସମୂହ, ଏଥିରୁ ଉଦ୍ଧାର ପାଇଥିବା ବ୍ୟକ୍ତିସମୂହ ଓ ନେତୃତ୍ୱଧାରୀମାନେ ସାରା ଦେଶରୁ ଏକତ୍ରିତ ହୋଇପାରିବେ... ସେମାନେ ମିଳିତ ଭାବରେ ସଂଗ୍ରାମ କରିବେ, ମିଳିତ ଭାବରେ ସ୍ୱପ୍ନ ଦେଖିବେ ଓ ମିଳିତ ଭାବରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିବେ... ଏହା ମୋର ବିଶ୍ୱାସ!

ଏହି ଫୋରମ୍‌ରେ ପ୍ରତି ପୀଡ଼ିତ ବ୍ୟକ୍ତି ତାଙ୍କର ଅଞ୍ଚଳର ଜଣେ ଚାମ୍ପିୟନ ରୂପେ ଉଭା ହୋଇଛନ୍ତି ଓ ଆମେ ଅନୁଭବ କରୁଛୁ ଯେ ମିଳିତ ଭାବରେ ଆମେ ଏକ ଦୃଢ଼ ଆଣ୍ଟି-ଟ୍ରାଫିକିଂ ଆଇନ୍ ଆଣିବା ଦିଗରେ ଏକ ବୃହତ୍ ପ୍ରଭାବ ପକାଇବାରେ ସମର୍ଥ ହୋଇପାରିବା।

ଆମର ଜାତୀୟ ଫୋରମ୍ (ଆଇଏଲ୍‌ଏଫ୍‌ଏଟି)ର ଏକ ଅଂଶ ହୋଇଥିବାରୁ ଆମେ ନିଜକୁ ଗୌରବାନ୍ୱିତ ମନେ କରୁଛୁ ଓ ଏହା ଲକ୍ଷ ଲକ୍ଷ ପୀଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଏକ ଆଶାର କିରଣ ଯେଉଁମାନେକି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ଏକ ସମ୍ମାନପୂର୍ବକ ଜୀବନ ଧାରଣ କରିବାର ଲକ୍ଷ୍ୟ ରଖିଛନ୍ତି।

"




# ଆପଣ କିପରି ଆମକୁ ସହାୟତା କରିପାରିବେ/ ପରିବର୍ତ୍ତନ ଆନ୍ଦୋଳନରେ ସାମିଲ୍ ହୋଇପାରିବେ?

ଆସନ୍ତୁ ଏକ ଦୃଢ଼ କଠୋର ଆଣ୍ଟି-ଟ୍ରାଫିକିଂ ଆଇନର ସମର୍ଥନରେ ହାତ ମିଳାଇବା ଓ ସ୍ୱର ଉତ୍ତୋଳନ କରିବା। ଏହି ଫୋରମର ଜଣେ ସଦସ୍ୟ ହୋଇ ଏହି ଫୋରମର ସ୍ୱରକୁ ଆହୁରି ମଜବୁତ୍ କରିବା ଯଦ୍ୱାରା ଲକ୍ଷ ଲକ୍ଷ ପୀଡ଼ିତ ଉପକୃତ ହୋଇପାରିବେ।

www.ilfat.org | info@ilfat.org

ଉତ୍ତରଜୀବୀଙ୍କ ଦ୍ୱାରା ପରିଚାଳିତ ସଂଗଠନ